بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୫ ଅକ୍ଟୋବର ୨୦୨୪ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ବନୁ କୁରୈଜାଃ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ବନୁ କୁରୈଜାଃ ଦଳ ନିଜ ପ୍ରତିଜ୍ଞା ଭଙ୍ଗ କରିଥିବା ଯୋଗୁଁ ଅହଜାବ୍ ଯୁଦ୍ଧ ପରେ ମୁସଲମାନମାନେ ସେମାନଙ୍କ ଦୁର୍ଗର ଘେରାଉ କରିଥିଲେ । ଯଦ୍ଦ୍ୱାରା ସେମାନଙ୍କ ଯୋଗୁଁ ମୁସଲମାନମାନମାନଙ୍କୁ ଯେଉଁ କ୍ଷତି ପହଞ୍ଚି ଥିଲା ତଥା ମୁସଲମାନମାନଙ୍କ ସହିତ ସେମାନଙ୍କ ପ୍ରତିଜ୍ଞା ଭଙ୍ଗ କରିବାର ତାଙ୍କୁ ଉଚିତ୍ ଶିକ୍ଷା ଦିଆଯିବ । ତେବେ ଏଥି ସଂକ୍ରାନ୍ତରେ ଚର୍ଚ୍ଚା ଚାଲିଥିଲା, ତାହାର ଅଧିକ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି । ଯେତେବେଳେ ଘେରାଉ ଅଧିକ ଶକ୍ତ ହେଲା ସେତେବେଳେ ବନୁ କୁରୈଜାଃ ଦଳ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ନିଷ୍ପତ୍ତିକ୍ରମେ ଶରଣ ନେଇଥିବା ନିଜ ଦୁର୍ଗରୁ ଓହ୍ଲାଇ ଆସିଲେ ।

ଘେରାଉ ପ୍ରସଙ୍ଗରେ ବିଭିନ୍ନ ବର୍ଣ୍ଣନା ମିଳୁଅଛି ଯେ, ତାହା ୧୫ଦିନ, ୧୪ଦିନ ଓ ୨୫ଦିନ ରହିଥିଲା । ହଜରତ ମିର୍ଜା ବଶିର୍ ଅହେମଦ ସାହେବ[ର.ଅ] ବିଭିନ୍ନ ଐତିହାସିକମାନଙ୍କ ବର୍ଣ୍ଣନା ସଂଗ୍ରହ କରି ଦର୍ଶାଇଛନ୍ତି ଯେ, ବନୁ କୁରୈଜାଃ ଦୁର୍ଗକୁ ମୁସଲମାନମାନେ ପାଖାପାଖି ୨୦ଦିନ ପର୍ଯ୍ୟନ୍ତ ଘେରାଉ କରି ରଖିଥିଲେ । ଏହି ମାମଲା ନିମନ୍ତେ ହଜରତ ସାଦ୍ ବିନ୍ ମାଜ୍ ର.ଅଙ୍କୁ ହାକିମ ମୁତୟନ କରା ଯାଇଥିଲା । ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ[ସ.ଅ] ୟହୁଦିମାନଙ୍କୁ କଏଦ କରିବାର ଆଦେଶ ଦେବା ପରେ ସେମାନଙ୍କୁ ରସିରେ କବଳିତ କରିଦିଆ ଯାଇଥିଲା । କିନ୍ତୁ ସେମାନଙ୍କ ମହିଳା ଓ ପିଲାମାନଙ୍କୁ ତାଙ୍କ ଠାରୁ ପୃଥକ କରିଦିଆ ଯାଇଥିଲା । ସେମାନଙ୍କ ଦୁର୍ଗରୁ ୧୫୦୦ ଖଣ୍ଡା, ୩୦୦ଯୁଦ୍ଧ କବଚ, ୨୦୦୦ବର୍ଚ୍ଛା, ୧୫୦୦ଚମଡ଼ା ତିଆରୀ ଢ଼ାଲ ଓ ଅନେକ ବାସନକୁସନ ସଂଗ୍ରହ କରାଯାଇଥିଲା । ଓଟ ଓ ଅନ୍ୟାନ୍ୟ ଗୃହପାଳିତ ପଶୁ ମଧ୍ୟ କବଜା କରାଯାଇଥିଲା, ସେଥିଅନ୍ତେ ସେଗୁଡ଼ିକୁ ଏକତ୍ରିତ କରାଗଲା । ଅଓ୍ୱସ କବିଲାର ମାନ୍ୟଗଣ ଲୋକମାନେ ଆସି ହଜରତ ମୁହମ୍ମଦ ସ.ଅଙ୍କୁ କହିଲେ; ବନୁ କୁରୈଜାଃ ଦଳ ଆମ ମିତ୍ର ଓ ସଖା । ଆପଣ[ସ.ଅ] ଆମମାନଙ୍କ ଖାତିର ସେମାନଙ୍କୁ କ୍ଷମା କରି ଦିଅନ୍ତୁ । ସେମାନଙ୍କର ବାରମ୍ବାର ଅନୁରୋଧ କରିବା ଯୋଗୁଁ ହୁଜୁର[ସ.ଅ] କହିଲେ; କ'ଣ ତୁମେମାନେ ଏଥିରେ ରାଜି ଯେ, ତୁମମାନଙ୍କ ମଧ୍ୟରୁ କେହି ଜଣେ ବ୍ୟକ୍ତି ଉପରେ ସେମାନଙ୍କ ସଂକ୍ରାନ୍ତରେ ନିଷ୍ପତ୍ତି କରିବା ଦାୟିତ୍ୱ ନ୍ୟସ୍ତ କରିଦିଆଯାଉ ? ଅତଏବ ସେମାନେ ଏହି ପ୍ରସ୍ତାବକୁ ସହୃଦୟରେ ଗ୍ରହଣ କରି ନେବାରୁ, ଉକ୍ତ ମାମଲା ହଜରତ ସାଦ୍ ବିନ୍ ମାଜ୍ ର.ଅଙ୍କ ଉପରେ ନ୍ୟସ୍ତ କରାଗଲା । ଆଉ ଏକ ବର୍ଣ୍ଣନାନୁଯାୟୀ ହୁଜୁର[ସ.ଅ] କହିଲେ; ମୋ ସାହାବାମାନଙ୍କ ମଧ୍ୟରୁ ଯାହାଙ୍କୁ ଚାହଁ ଚୟନ କରିନିଅ । ବସ୍ତୁତଃ ସେମାନେ ହଜରତ ସାଦ୍ ବିନ୍ ମାଜ୍ ର.ଅଙ୍କୁ ମନୋନୀତ କଲେ ।

ହଜରତ ସାଦ୍ ବିନ୍ ମାଜ୍ ର.ଅ ଅଓ୍ୱସ୍ କବିଲାର ସରଦାର ଥିଲେ ଏବଂ ବନୁ କୁରୈଜାଃର ମିତ୍ର ଥିଲେ । ସୁତରାଂ ସେମାନଙ୍କର ଧାରଣା ଥିଲା ଯେ, ମାମଲା ଆମ ହାତ ମୁଠାକୁ ଆସି ଯାଇଛି ଏବଂ ଆରବ ଦେଶର ଚିରାଚରିତ ପ୍ରଥାନୁଯାୟୀ ହଜରତ ସାଦ୍ ନିଜ ସଖା ଦଳ ପାଇଁ କୋହଳ ଓ ନମ୍ର ପନ୍ଥା ଅବଲମ୍ବନ କରିବେ । **କିନ୍ତୁ ହଜରତ ସାଦ୍ ର.ଅଙ୍କର ପବିତ୍ର ଓ ନିଷ୍ପାପର ହୃଦୟ ଅଲ୍ଲାଃ ଏବଂ ତାଙ୍କ ପ୍ରିୟ ରସୁଲ ହଜରତ ମୁହମ୍ମଦ ସ.ଅଙ୍କୁ ନିଜର ସମସ୍ତ ବନ୍ଧୁ ପରିଜନ ତଥା ସମ୍ପର୍କ ତୁଳନାରେ ପ୍ରାଥମିକତା ଦେଇ ସାରିଥିଲେ ।**

ହଜରତ ମିର୍ଜା ବଶିର୍ ଅହେମଦ ସାହେବ ର.ଅ ଏହି ପରିପ୍ରେକ୍ଷୀରେ ଉଲ୍ଲେଖ କରିଛନ୍ତି ଯେ, ଅଓ୍ୱସ୍ କବିଲାର କେତେକ ଲୋକମାନେ ହଜରତ ସାଦ୍ ର.ଅଙ୍କ ନିକଟରେ ଏହି ନିବେଦନ କଲେ କି ବନୁ କୁରୈଜାଃ ଆମ ମିତ୍ର ତେଣୁ ଯେପରି ଖଜରଜ୍ ଦଳ ନିଜ ମିତ୍ର ବନୁ କୈନ୍‌କାଃ ଦଳ ସହିତ ନମ୍ର ଆଚରଣ କରିଥିଲେ ସେହିପରି ଆପଣ ମଧ୍ୟ କୁରୈଜାଃ (ଦଳ) ସହିତ କରିବ, ତାଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବ ନାହିଁ । ପ୍ରଥମେ ତ ହଜରତ ସାଦ୍ ବିନ୍ ମାଜ୍ ର.ଅ ସେମାନଙ୍କର ସମସ୍ତ କଥା ନିରବତାର ସହିତ ଶୁଣିଲେ କିନ୍ତୁ ସେମାନେ ନିଜ କଥାର ବାରମ୍ବାର ବୃତ୍ତାନ୍ତ କରିବା ଓ ଜିଦିଆ ପ୍ରବୃତ୍ତି ଦେଖି କହିଲେ; ଏବେ ସାଦ୍ ବିନ୍ ମାଜ୍ ନ୍ୟାୟ ଓ ସତ୍ୟ ପ୍ରସଙ୍ଗରେ (ତୁମମାନଙ୍କ) କୌଣସି ଅମଙ୍ଗଳ କାମନା ଓ ଅଭିଶାପ ଦେବାର ତିଳେ ମାତ୍ର ପରୁଆ କରିବ ନାହିଁ । ଏକଥା ଶୁଣି ସେମାନେ ନିରବ ହୋଇଗଲେ ।

ହଜରତ ସାଦ୍ ବିନ୍ ମାଜ୍ ଦୁଇ ପାର୍ଶ୍ୱରୁ ନିଜ ନିଷ୍ପତ୍ତି ସ୍ୱୀକାର କରିବାର ଶପଥ ନେବା ପରେ, ଶେଷରେ ନିଜ ଚୂଡ଼ାନ୍ତ ନିଷ୍ପତ୍ତି ଶୁଣାଇ ଥିଲେ ଯେ, ବନୁ କୁରୈଜାଃର ମୁକାବିଲା ଅର୍ଥାତ ଯୁଦ୍ଧ ପ୍ରବୀଣ ଲୋକମାନଙ୍କୁ ନିହତ କରି ଦିଆଯାଉ ଏବଂ ତାଙ୍କ ମହିଳା ଓ ପିଲାମାନଙ୍କୁ ବନ୍ଦୀ କରିନିଆଯାଉ ତଥା ସେମାନଙ୍କ ଧନସମ୍ପତ୍ତି ମୁସଲମାନମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଉ । ଏହି ବିଚାର ଶୁଣିବା ମାତ୍ରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ସହସା କହି ଉଠିଲେ, ଲକଦ୍ ହକମ୍‌ତା ବିହୁକ୍‌ମିଲ୍ଲାଃ ଅର୍ଥାତ ତୁମର ଏହି ନିଷ୍ପତ୍ତି ସଂପୂର୍ଣ୍ଣ ରୂପେ ପରମେଶ୍ୱରଙ୍କ ଧାର୍ଯ୍ୟ ବିଧାନ ଅନ୍ତର୍ଗତ ।

ଏହି ଶବ୍ଦର ଅର୍ଥ ଥିଲା ଯେ, ବନୁ କୁରୈଜାଃ ସଂକ୍ରାନ୍ତରେ ସେହି ନିଷ୍ପତ୍ତିରେ ସମ୍ପୂର୍ଣ୍ଣ ରୂପେ ପରମେଶ୍ୱରଙ୍କର ନିୟତି କାମ କରୁଥିବା ପ୍ରତୀତ ହେଉଅଛି । ତେଣୁକରି ଉକ୍ତ ମାମଲାରେ ହୁଜୁର ସ.ଅଙ୍କର ଅପାର ଦୟାମୟ ସ୍ୱଭାବ ବାଧକ ସାଜିବା ସମ୍ଭବ ନଥିଲା । ଗୋଟିଏ ବର୍ଣ୍ଣନାନୁଯାୟୀ ହୁଜୁର ସ.ଅ ହଜରତ ସାଦ୍ ର.ଅଙ୍କ ନିର୍ଣ୍ଣୟ ସଂକ୍ରାନ୍ତରେ କହିଲେ; ଏହି ନିଷ୍ପତ୍ତି ସଂକ୍ରାନ୍ତରେ ଦେବଦୂତମାନେ ମୋତେ ସେହ୍‌ରୀ (ପାହାନ୍ତରେ) ଅବଗତ କରି ଦେଇଥିଲେ । ହଜରତ ସାଦ୍ ର.ଅଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଦେବା ଅନ୍ତେ ନବୀଶିରୋମଣୀ ୯ ଜିଲ୍ ହଜ୍ଜା ଏବଂ ଆଉ ଏକ ବର୍ଣ୍ଣନାନୁଯାୟୀ ୭ ଜିଲ୍ ହଜ୍ଜାକୁ ଅର୍ଥାତ ଗୁରୁବାର ଦିନ ମଦିନା ଫେରି ଆସିଥିଲେ । ହୁଜୁର ସ.ଅଙ୍କ ଆଦେଶ ମୁତାବକ କଏଦୀମାନଙ୍କୁ ହଜରତ ଉସାମାଃ ବିନ୍ ଜୈଦ୍ ର.ଅଙ୍କ ଘରେ ଏବଂ ମହିଳା ଓ ପିଲାମାନଙ୍କୁ ହଜରତ ରମ୍‌ଲା ବିନ୍ତ୍ ହାରିସ୍ ର.ଅଙ୍କ ଘରକୁ ଅଣାଗଲା । ସେଥିଅନ୍ତେ ସାହାବାମାନେ ବନୁ କୁରୈଜାଃର ଖାଇବା ନିମନ୍ତେ ପ୍ରଚୁର ମାତ୍ରାରେ ଫଳମୂଳ ଯୋଗାଇ ଦେଲେ ଏବଂ ତାହାକୁ ୟହୁଦିମାନେ ରାତି ସାରା ସେବନ କଲେ । ହଜରତ ସାଦ୍ ର.ଅଙ୍କର ଉକ୍ତ ନିର୍ଣ୍ଣୟ ଉପରେ ଅଣମୁସଲମାନ ଲୋକମାନେ ଆପତ୍ତି କରିଥାନ୍ତି ଏବଂ ଆମ କିଶୋରମାନଙ୍କୁ ମଧ୍ୟ ଏହା କହିଥାନ୍ତି ଯେ, ହଜରତ ମୁହମ୍ମଦ ସ.ଅ ବନୁ କୁରୈଜାଃ ସହିତ ଅନ୍ୟାୟ ଓ ଅତ୍ୟାଚାର କରିଥିଲେ । ଏହାର ଏକ ସ୍ପଷ୍ଟ ଉତ୍ତର ଏହିକି ଯେ, ଉକ୍ତ ନିର୍ଣ୍ଣୟ

ତ ନବୀଶ୍ରେଷ୍ଠ ଦେଇ ହିଁ ନଥିଲେ, ବରଂ ପରାକ୍ରମୀ ଅଲ୍ଲାଃତାଲା ସେହି ୟହୁଦିମାନଙ୍କର ମିତ୍ର ଦ୍ୱାରା କରାଇଥିଲେ ଏବଂ ଏଥି ସଂକ୍ରାନ୍ତରେ ମଧ୍ୟ ହୁଜୁର ସ.ଅଙ୍କ ଠାରୁ ବଳିଷ୍ଠ ପ୍ରତିଶ୍ରୁତି ଗ୍ରହଣ କରାଯାଇଥିଲା ।

ଏହି ଅବସରରେ ହୁଜୁରସ.ଅ ଅତ୍ୟନ୍ତ ଈପ୍ସିତ ପୂର୍ଣ୍ଣ ଭଙ୍ଗିରେ କହିଲେ; ଲୌ ଆମନାବି ଅଶରତୁନ୍ ମିନଲ୍ ୟହୁଦି ଲାଆମନତ୍ ବିୟାଲ୍ ୟହୁଦୁ ଅର୍ଥାତ ଯଦି ୟହୁଦିମାନଙ୍କ ମଧ୍ୟରୁ ମାତ୍ର ୧୦ଜଣ ପ୍ରତିପତ୍ତିଶାଳୀ ଲୋକ ମଧ୍ୟ ବିଶ୍ୱାସ ଆଣି ନେଇଥାନ୍ତେ ତେବେ ମୁଁ ପ୍ରଭୁଙ୍କ ଠାରୁ ଆଶାବାଦୀ ଥିଲି ଯେ, **ତାଙ୍କର ସମଗ୍ର ଗୋଷ୍ଠୀ ମୋତେ ସ୍ୱୀକାର କରି ନେଇଥାନ୍ତେ ଏବଂ ସେମାନେ ଐଶୀ ଶାସ୍ତିରୁ ରକ୍ଷା ପାଇଯାଇ ଥାନ୍ତେ ।**

ଦ୍ୱିତୀୟ ଦିନ ସକାଳୁ ହଜରତ ସାଦ୍ ବିନ୍ ମାଜ୍ ର.ଅଙ୍କ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟକାରୀ ହେବା ଆରମ୍ଭ ହେବାର ଥିଲା । ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ସ୍ୱୟଂ ସେଠାରେ ଏକସ୍ଥାନରେ ବିରାଜିତ ହେଲେ ଯଦ୍ଦ୍ୱାରା ନିର୍ଦ୍ଦେଶ ପାଳନ କରିବାରେ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ଏବଂ ଆପଣ ସ.ଅଙ୍କ ସୁବିଚାରର ଆବଶ୍ୟକତା ପଡ଼େ ତେବେ ଆପଣସ.ଅ ବିନା କୌଣସି ବିଘ୍ନରେ ସେମାନଙ୍କର ମାର୍ଗଦର୍ଶନ କରି ପାରିବେ । ବସ୍ତୁତଃ ହଜରତ ସାଦ୍ ର.ଅଙ୍କ ନିଷ୍ପତ୍ତି ଉପରେ ଅପିଲ୍ କରିବା ଅର୍ଥାତ ଅଦାଲତ୍ ସ୍ତରରେ ହୁଜୁର ସ.ଅଙ୍କ ନିକଟରେ ଉପସ୍ଥାପିତ ହେବା (ତାଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବା) ସମ୍ଭବ ନଥିଲା । କିନ୍ତୁ ଜଣେ ରାଜା ଓ ରାଷ୍ଟ୍ରାଧ୍ୟକ୍ଷ ଦୃଷ୍ଟିକୋଣରୁ ହୁଜୁରସ.ଅ କୌଣସି ବ୍ୟକ୍ତି ବିଶେଷ ସଂକ୍ରାନ୍ତରେ ବିଶେଷ ଧ୍ୟାନ ଦେବା, ଭିତରେ ଦୟା ଓ କ୍ଷମା ଆଚରଣର ଅପିଲ୍ କରିବାକୁ ଶୁଣିବା ନିଶ୍ଚିତ ରୂପେ ନ୍ୟାୟ ସଙ୍ଗତ ଥିଲା ।

ହଜରତ ମୁହମ୍ମଦସ.ଅ ଦୟା ଓ କ୍ଷମା ପରବେଶ ଦୃଷ୍ଟିରୁ ଆଦେଶ ଦେଲେ ଅତ୍ୟାଚାରୀଙ୍କୁ ଜଣ ଜଣ କରି ଅର୍ଥାତ ଅଲଗା ଅଲଗା କରି ମୃତ୍ୟୁଦଣ୍ଡ ଦିଆଯାଉ । ଜଣକୁ ହତ୍ୟା କରିବା ସମୟରେ ଅନ୍ୟ ଅପରାଧୀ ସେଠାରେ ଯେପରି ଉପସ୍ଥିତ ନଥିବ । ଯେତେବେଳେ ବନୁ ନଜିର୍‌ର ଦଳପତି ହୈଇ ବିନ୍ ଅଖତବ୍‌କୁ ଅଣାଗଲା ସେତେବେଳେ ସେ ହୁଜୁର ସ.ଅଙ୍କ ଆଡ଼କୁ ଦେଖି କହିଲା; ହେ ମୁହମ୍ମଦସ.ଅ ! ମୋର ଏଥିରେ ପଶ୍ଚାତାପ ନାହିଁ ଯେ, ମୁଁ ଆପଣ ସ.ଅଙ୍କର ବିରୁଦ୍ଧାଚରଣ କାହିଁକି କଲି । **କିନ୍ତୁ ନିଷ୍କର୍ଷ ଏହିକି ଯେ, ଯେ କେହି ଐଶର୍ଯ୍ୟମୟ ପରମେଶ୍ୱରଙ୍କୁ ଛାଡ଼ିଥାଏ ପରମେଶ୍ୱର ମଧ୍ୟ ତାହାକୁ ଛାଡ଼ି ଦେଇଥାନ୍ତି** ଏବଂ ବାସ୍ତବରେ ଏହା ତାଙ୍କର ହିଁ ଆଦେଶ ଓ ନିୟତି । ଏହିପରି କାବ୍ ବିନ୍ ଅସଦ୍ ଯେ କି ବନୁ କୁରୈଜାଃର ଧନାଢ଼୍ୟ ବ୍ୟକ୍ତିକୁ ବଧ କରିବା ନିମନ୍ତେ ପଡ଼ିଆକୁ ଅଣାଗଲା ସେତେବେଳେ ହୁଜୁରସ.ଅ ତାହାକୁ ମୁସଲମାନ ହୋଇଯିବା ନିମନ୍ତେ ଇଶାରା କଲେ । ପ୍ରତି ଉତ୍ତରରେ ସେ କହିଲା; ହେ ଅବୁ କାସିମ୍ ! ମୁଁ ମୁସଲମାନ ତ ହୋଇ ଯାଇଥାନ୍ତି କିନ୍ତୁ ଏପରି ପରିସ୍ଥିତିରେ ଲୋକମାନେ (ଟାହିଟାପରା କରି) କହିବେ କି ଏ ମୃତ୍ୟୁ ଭୟରେ ଏପରି କଲା । ଅତଃ ମୋତେ ୟହୁଦି ଧର୍ମରେ ହିଁ ମରିବାକୁ ଦିଅ ।

ଏହି ଯୁଦ୍ଧର ପରିଣାମ ସ୍ୱରୂପ ମୁସଲମାନମାନଙ୍କ ହାତକୁ ଆସିଥିବା ମାଲେ ଗନିମତ୍ (ଯୁଦ୍ଧରେ ଜୟ କରିଥିବା ଧନସମ୍ପତ୍ତି)କୁ ହୁଜୁରସ.ଅ ସାହାବାମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ ଏବଂ କେତେକ ମହିଳାମାନଙ୍କୁ ମଧ୍ୟ ସେଥିରୁ ଭାଗ ଦେଇଥିଲେ । କଏଦୀମାନଙ୍କ ସଂକ୍ରାନ୍ତରେ ହଜରତ ମିର୍ଜା ବଶିର୍ ଅହେମଦ ସାହେବର.ଅ ଅନେକ ଐତିହାସିକ ପୁସ୍ତକର ମନ୍ଥନ ଓ ଗବେଷଣା କରି ଉଲ୍ଲେଖ କରିଛନ୍ତି ଯେ, କେତେକ ବର୍ଣ୍ଣନାରୁ ଜଣା ଯାଉଛି ଯେ, ହୁଜୁରସ.ଅ ତାଙ୍କୁ ନଜଦ୍ ଆଡ଼କୁ ପ୍ରେରଣ କରି ଦେଇଥିଲେ ଯେଉଁସ୍ଥଳେ କେତେକ ନଜ୍‌ଦୀ କବିଲା ସେମାନଙ୍କର ଫିଦ୍‌ୟା (କ୍ଷତିପୂରଣ) ପୈଠ କରି ତାଙ୍କୁ ମୁକ୍ତ କରି

ଦେଇଥିଲେ । ଉକ୍ତ ରାଶିରେ ମୁସଲମାନମାନେ ନିଜ ଯୁଦ୍ଧ ଆବଶ୍ୟକତା ଯେପରିକି ଘୋଡ଼ା, ଯୁଦ୍ଧ ସରଞ୍ଜାମ ଓ ଅସ୍ତ୍ରଶସ୍ତ୍ର କ୍ରୟ କରିଥିଲେ । ଯଦି ଏପରି ହୋଇଥାଏ ତେବେ ଏହା କୌଣସି ଅସମ୍ଭବ କଥା ନୁହେଁ । କାରଣ ନଜ୍‌ଦୀ ଗୋଷ୍ଠୀ ଓ ବନୁ କୁରୈଜାଃ ଦଳ ପରସ୍ପରର ମିତ୍ର ଥିଲେ । କିନ୍ତୁ ସଠିକ୍ ବର୍ଣ୍ଣନାରୁ ଜ୍ଞାତ ହେଉଛି ଯେ, ଉକ୍ତ କଏଦୀମାନେ ମଦିନାରେ ରହୁଥିଲେ ଏବଂ ହୁଜୁର[ସ.ଅ] ତାଙ୍କୁ ବିଭିନ୍ନ ସାହାବାମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ସେମାନଙ୍କ ମଧ୍ୟରୁ କେତେକ ନିଜ ଫିଦ୍‌ୟା ପୈଠ କରି ସ୍ୱାଧୀନ ହୋଇ ଯାଇଥିଲେ । ଆଉ କେତେକଙ୍କୁ ହୁଜୁର[ସ.ଅ] ଦୟା ପୂର୍ବକ ମୁକ୍ତ କରି ଦେଇଥିଲେ । ପରବର୍ତ୍ତୀ ସମୟରେ ଧୀରେ ଧୀରେ ସେମାନେ ସମସ୍ତେ ସ୍ୱଇଚ୍ଛାରେ ମୁସଲମାନ ହୋଇ ଯାଇଥିଲେ ।

ଇତ୍ୟାବସରରେ ହଜରତ ମୁହମ୍ମଦ[ସ.ଅ] ଏକ ଏପରି ଆଦେଶ ଦେଲେ ଯାହାକି ତାଙ୍କର ପ୍ରଶସ୍ତ ହୃଦୟ, ଦୟା ଓ ପ୍ରେମର ପ୍ରତୀକ ତଥା ମହିଳାମାନଙ୍କ ଉପରେ କରୁଣାମୟ ସ୍ୱଭାବ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ କରିବା ଯୋଗ୍ୟ । ହୁଜୁର[ସ.ଅ] ନିର୍ଦ୍ଦେଶ ଦେଲେ ଯେ କୌଣସି ମହିଳାକୁ ବଣ୍ଟା ଯାଏ ଅଥବା ବିକ୍ରି କରାଯାଏ, ଯଦି ତାହା ନିକଟରେ ଶିଶୁ ପୁତ୍ର ଅବା କନ୍ୟା ରହିଥାଏ ତେବେ ଉକ୍ତ ଶିଶୁକୁ ତାହାର ଜନନୀ ଠାରୁ ଅଲଗା କରାଯିବ ନାହିଁ । ଯେପର୍ଯ୍ୟନ୍ତ କି ସେ ସାବାଳକ ହୋଇଯାଇ ନାହିଁ । ଏହିପରି ଯଦି ଦୁଇଜଣ ସ୍ୱଳ୍ପ ବୟସ୍କ ଭଗିନୀ ରହିଥାନ୍ତି ତେବେ ସେମାନଙ୍କୁ ମଧ୍ୟ ସାବାଳିକା ହେବା ପର୍ଯ୍ୟନ୍ତ ପରସ୍ପରର ଠାରୁ ଅଲଗା କରାଯିବ ନାହିଁ । ଏପରି ଥିଲା ସକଳ ଜଗତ ଉପରେ ଦୟା ଓ ଅନୁକମ୍ପା କରୁଥିବା ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କର ଆଚରଣ ଯାହାକି ଆପଣ ମହିଳା, କଏଦୀ ଓ ନିଜ ବିରୋଧୀମାନଙ୍କ ସହିତ କରିଥିଲେ । କିନ୍ତୁ ଆଜିକାଲି ମୁସଲମାନମାନଙ୍କର ଅବସ୍ଥା ଦେଖ ଯେ, ସେମାନେ ଅଲ୍ଲାଃ ଓ ରସୁଲ [ସ.ଅ]ଙ୍କ ନାମରେ ନିରୀହ ଲୋକମାନଙ୍କୁ ଘରୁ ବିତାଡ଼ିକ କରୁଛନ୍ତି, ବେଘର କରୁଛନ୍ତି ଏବଂ ନିର୍ମମ ଭାବରେ ହତ୍ୟା କରୁଛନ୍ତି । ଫଳତଃ ସେମାନେ ନିଜସ୍ୱ ସମ୍ମାନ ହରାଉଛନ୍ତି । ଅଲ୍ଲାଃତାଲା ସେହି ମୁସଲମାନମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ଓ ବୁଝାମଣାର ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

*** *** *** *** ***

Khulasa Khutba Juma Huzoor Anwar a.b.a
25th October 2024
*Translated to Odia by :* Moulavi Anwar Ahmad Khan